**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**02 August – 2025**

****************************************************

## ପି.ଏମ୍. କିଷାନ - ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ହିତାଧିକାରୀମାନଙ୍କୁ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରିବେ। ଉତ୍ତରପ୍ରଦେଶର ବାରଣାସୀଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଦେଶର ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୦ ହଜାର ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରେରଣ କରାଯିବ । ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା - ସିଫାଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ହିତାଧିକାରୀମାନଙ୍କ ସହ ମତବିନିମୟ କରିବେ ।

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ବୈଠକରେ ଚାରୋଟି ବିଭାଗର ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନି ଆଶଙ୍କାକୁ ଏଡାଇବା ପାଇଁ ରାଜ୍ୟ ସରକାର ଟ୍ରାକ ଆଣ୍ଡ ଟ୍ରେସ ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏଥିପାଇଁ ସରକାର ଓଡିଶା ଦ୍ରବ୍ୟ ଓ ସେବାକର ଅଧିନିୟମ-୨୦୧୭ରେ ଆବଶ୍ୟକ ସଂଶୋଧନ ଆଣିଛନ୍ତି

**V/O**

ଆର୍ଥିକ ପ୍ରୋତ୍ସାହନ ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ସଂଶୋଧନକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାର ଅବଧିକୁ ଆଉ ୫ବର୍ଷ ବୃଦ୍ଧି କରାଯାଇଛି । ସେହିଭଳି ଓଡିଶା ଜିଲ୍ଲା ଓ ସିଭିଲ କୋର୍ଟ ନ୍ୟାୟିକ କର୍ମଚାରୀ ସେବା ନିୟମ-୨୦୦୮ର ସଂଶୋଧନ ପାଇଁ ନିଷ୍ପତ୍ତି ହୋଇଛି । ଏହା ବ୍ୟତୀତ ଓଡିଶା ଲ' ଅଫସର୍ସ ନିୟମାବଳୀ-୧୯୭୧ରେ ସଂଶୋଧନକୁ ମଧ୍ୟ ଅନୁମତି ମିଳିଥିବା ମୁଖ୍ୟଶାସନ ସଚିବ କହିଛନ୍ତି ।

# ରାଜ୍ୟପାଳ

ପ୍ରଶାସନ ଲୋକଙ୍କ ସହ ଜଡିତ । ଯୁବ ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣଭାବ ସହ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଦିଗରେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରାଜସ୍ୱ ସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜଭବନଠାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ସଂସ୍ଥାନରେ ତାଲିମ ନେଉଥିବା-୨୦୨୨ ବ୍ୟାଚର ଓଡିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ରାଜ୍ୟପାଳ ମତ ବିନିମୟ କରିଛନ୍ତି ।

# ଉଚ୍ଚସ୍ତରୀୟ ବୈଠକ

ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ରୋଡମ୍ୟାପ ପ୍ରସ୍ତୁତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ବୈଠକରେ ଅଧକ୍ଷତା କରି ସହରାଞ୍ଚଳ

ଭିତ୍ତିଭୂମି ବୃଦ୍ଧି ସହିତ ପୁରୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ପୋଶ୍ ଆଇନ

କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ ସୁରକ୍ଷା ନିଷେଧ ଓ ନିବାରଣ ସଂକ୍ରାନ୍ତ ପୋଶ୍ ଆଇନ-୨୦୧୩ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କର୍ମଶାଳା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ତଥା ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସିପ୍ରା ଚମ୍ପତିରାୟ ସରକାରୀ କର୍ମକ୍ଷେତ୍ରରେ ମହିଳାଙ୍କୁ ସୁସ୍ଥ ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବା ନେଇ ଗୁରୁତ୍ୱ ଦେଇଥିଲେ ।

## ପ୍ରତିଷ୍ଠା ଦିବସ

ବ୍ରହ୍ମପୁରସ୍ଥିତ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ କୃଷ୍ଣମୋହନ ପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମୟ, ସ୍ଥାନ ଓ ସୁଯୋଗ ଉପରେ ଗୁରୁତ୍ୱାରୋପ କରି ସଫଳ ହେବା ପାଇଁ ପରାମର୍ଶ ଦେଇଥିଲେ ।

## ଖରିଫ ଧାନ କ୍ରୟ

ରାଜ୍ୟରେ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରିରହିଛି। ଗତମାସ ୧୯ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଗତକାଲି ସୁଦ୍ଧା ୩ଲକ୍ଷ ୯୫ହଜାର ୯୪୯ଜଣ ଚାଷୀ ଧାନକ୍ରୟ ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି ।

## ଇଗ୍ନୋ

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋରେ ଜୁଲାଇ-୨୦୨୫ ଶିକ୍ଷାସତ୍ରରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧିକୁ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅଧିକ ତଥ୍ୟ ପାଇଁ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍ କିମ୍ବା ଇମେଲ ମାଧ୍ୟମରେ ଯୋଗାଯୋଗ କରାଯାଇପାରିବ ।

## ଗଞ୍ଜାମ-ଜିଲ୍ଲାପାଳ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଆର୍ଯ୍ୟପଲ୍ଲୀ ଠାରେ ସମୁଦ୍ର କୂଳ ଲଂଘୁଥିବା ସ୍ଥାନକୁ ଜିଲ୍ଲାପାଳ ଭି. କୀର୍ତ୍ତିବାସନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ, ଜଳସେଚନ ବିଭାଗ ଅଧିକାରୀ ଓ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ ।

## ବାତଜ୍ୱର ସର୍ବେକ୍ଷଣ

ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଦ୍ୟାଳୟସ୍ତରୀୟ ବାତଜ୍ୱର ସର୍ବେକ୍ଷଣ ଆରମ୍ଭ ହୋଇଛି । ଏହି ସମୟରେ ୨୭୫ଟି ବିଦ୍ୟାଳୟରେ ସର୍ବେକ୍ଷଣ କରାଯିବ । ଏଥିପାଇଁ ୪୫ଟି ସ୍ୱାସ୍ଥ୍ୟ ଦଳ ନିୟୋଜିତ ହୋଇଛନ୍ତି ।

## ସାହାଣୀ କପ୍ ଫୁଟବଲ

ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀକପ୍‌ର ପ୍ରଥମ ଫାଇନାଲ ମ୍ୟାଚରେ କଟକ ୧-୦ଗୋଲରେ ସମ୍ବଲପୁରକୁ ପରାସ୍ତ କରିଛି । ଏହି ମ୍ୟାଚ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଖେଳାଯାଇଥିଲା । ଦ୍ୱିତୀୟ ଫାଇନାଲ ମ୍ୟାଚ କେନ୍ଦୁଝର ଷ୍ଟାଡିୟମରେ ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।